ISSN 0973-3264

# ସପ୍ତର୍ଷି

ପ୍ରଥମ ଓ ଦ୍ୱିତୀୟ ସଂଖ୍ୟା – ୨୦୧୯

(ଜାନୁଆରୀ – ଜୁନ)



ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରକାଶନ

Scanned with OKEN Scanner

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା ବିଭାଗ :-** | | |
| ୧- | ଆସାମ ଓ ଓଡ଼ିଶାର ସଂଯୋଗ ସେତୁ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆ | ଡକ୍ଟର ମଣୀନ୍ଦ୍ର କୁମାର ମେହେର | ୧ |
| ୨- | ସଂପର୍କର କଥା କହେ ଲେଖକ | ଡ. ସୁରେନ୍ଦ୍ର କୁମାର ବେହେରା | ୯ |
| ୩- | ଓଡ଼ିଆ ଜାତୀୟତା ଓ ସଂସ୍କୃତି କ୍ଷେତ୍ରରେ ମନୋଜ ଦାସ : ଏକ ଭିନ୍ନ ଦୃଷ୍ଟି | ଡଃ ଶୁକମୁନି ମେହେର | ୧୫ |
| ୪- | ଡ୍ରାହେର୍ ଓ ଜଗନ୍ନାଥ | ଡଃ ନାକୁ ହାଁସଦାଃ | ୧୯ |
| ୫- | ତପସ୍ୱିନୀର ତପସ୍ୟାଲୋକ | ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ | ୨୪ |
| ୬- | ଓଡ଼ିଆ କବିତାରେ ନକ୍ସଲ ଚେତନା | ଡ. ଶ୍ରୀକାନ୍ତ କୁମାର ବାରିକ | ୨୯ |
| ୭- | ମନୋରଂଜନର ମାଧ୍ୟମରେ ଲୋକକାହାଣୀର ଗୁରୁତ୍ୱ | ଡ. ସଂଘମିତ୍ରା ମହାପାତ୍ର | ୩୪ |
| ୮- | ୧୯୮୦ ପରବର୍ତ୍ତୀ ଶିଶୁନାଟକ ଓ ଶିଶୁମନସ୍ତତ୍ତ୍ୱ : ଏକ ଆକଳନ | ନିବେଦିତା ଜେନା | ୩୮ |
| ୯- | ଓଡ଼ିଆ ଓ ହିନ୍ଦୀ ନବନାଟକର କଥାବସ୍ତୁ | ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ କର | ୪୩ |
| ୧୦- | ଧର୍ମ ଓ ମାନବିକତା | ଜୟକୁମାର ଦାଶ | ୪୯ |
| ୧୧- | ରାଧାରୁ ଶ୍ରୀରାଧା | ଡକ୍ଟର ସୁମନ୍ତ ନାଏକ | ୫୨ |
| ୧୨- | ଚେତନାର ଚର୍ଚ୍ଚିତ ଚମକ - କବି ବ୍ରଜନାଥ | ପ୍ରଦୀପ୍ତ କୁମାର ମିଶ୍ର | ୫୮ |
| ୧୩- | ସରୋଜିନୀ ସାହୁଙ୍କ ଗଳ୍ପରେ ସଂପର୍କର ଲୁଚକାଳି | ଅଧ୍ୟାପିକା ଚିନ୍ମୟୀ ପ୍ରଧାନ | ୬୨ |
| ୧୪- | ଏକବିଂଶ ଶତାବ୍ଦୀର ଓଡ଼ିଆ କ୍ଷୁଦ୍ରଗଳ୍ପ | ଡ. ସମୀର ଭୋଇ | ୭୧ |
| ୧୫- | ଓଡ଼ିଆ ଭାଷା ଓ ସାହିତ୍ୟ ଶିକ୍ଷଣ ପଦ୍ଧତି | ବିଶ୍ୱନାଥ ସାହୁ | ୭୫ |
| ୧୬- | ଓଡ଼ିଆ ଭାଷା ଓ ସାହିତ୍ୟର ଆହ୍ୱାନ : ସମକାଳର ଦୃଶ୍ୟ | ଡଃ ପଲ୍ଲୀଶ୍ରୀ ପଟ୍ଟନାୟକ | ୭୯ |
| ୧୭- | ଓଡ଼ିଆ ଉପନ୍ୟାସ ଓ ଜଗତୀକରଣ | ଦୟାନିଧି ପରିଡ଼ା | ୮୭ |
| | **କବିତା ବିଭାଗ :-** | | |
| ୧୮- | ବୁଢ଼ାଙ୍ଗଖାରି | ହେମାଙ୍ଗିନୀ ଦାଶ | ୯୧ |
| ୧୯- | କଢ଼ିଏ ଫୁଟନ୍ତୁ | ଅଞ୍ଜଳି ପଟ୍ଟନାୟକ | ୯୭ |
| ୨୦- | ପ୍ରକୃତ ପ୍ରଣାଳୀ ଜରିଆରେ | କୃଷ୍ଣ ମିଶ୍ର | ୯୮ |
| ୨୧- | ମହୁ ବାଗିର୍ ମିଠା | ଦୀନବନ୍ଧୁ ପଣ୍ଡା | ୯୮ |
| | **ଗଳ୍ପ ବିଭାଗ :-** | | |
| ୨୨- | ଛତା | ସଦାନନ୍ଦ ତ୍ରିପାଠୀ | ୯୯ |
| ୨୩- | ସ୍ୱପ୍ନର ଦୈର୍ଘ୍ୟ | ଡକ୍ଟର ବୀଣାପାଣି ପ୍ରଧାନ | ୧୦୫ |


Scanned with OKEN Scanner

# ଓଡ଼ିଆ ଜାତୀୟତା ଓ ସଂସ୍କୃତି କ୍ଷେତ୍ରରେ ମନୋଜ ଦାସ : ଏକ ଭିନ୍ନ ଦୃଷ୍ଟି

ଡଃ ଶୁଦ୍ଧମୁନି ମେହେର

ଶ୍ରୀ ଅରବିନ୍ଦ ଥିଲେ ଜାତୀୟତା ଭାବରେ ଉଦ୍‌ବୁଦ୍ଧ ଭାରତବର୍ଷର ଜଣେ ମହାନ୍ କବି । ଭାରତୀୟମାନଙ୍କ ମୁକ୍ତି ପାଇଁ ସେ ସ୍ୱପ୍ନ ଦେଖୁଥିଲେ । ଦେଶରୁ ବିଦେଶୀ ଶାସନ ହଟିବ ଏବଂ ଭାରତ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିବ ଏଇ ସ୍ୱପ୍ନ ଏଇ ଭାବନାରେ ବିହ୍ୱଳ ହେଉଥିଲା ତାଙ୍କର ହୃଦୟ ଓ ପ୍ରାଣ । ବ୍ରିଟିଶ କବଳରୁ ନିଜ ଦେଶ ମାତୃଭୂମିର ରକ୍ଷା କରିବାକୁ ହେଲେ ଭାରତୀୟ ଜାତୀୟ ମୁକ୍ତି ସଂଗ୍ରାମରେ ପ୍ରତ୍ୟେକଙ୍କୁ ଜଣେ ଜଣେ ସୈନିକ ହେବାକୁ ପଡ଼ିବ, ଏକଥା ସେ ହୃଦୟ ମଧ୍ୟରେ ଉପଲବ୍ଧି କରିଥିଲେ । ସେଥିପାଇଁ ସ୍ୱଦେଶର ମୁକ୍ତି ପାଇଁ ଆପଣାର ଜୀବନକୁ ଉତ୍ସର୍ଗ କରିବା ପାଇଁ ସେ ମନେ ମନେ ସଂକଳ୍ପ ନେଇଥିଲେ ।

ଶ୍ରୀ ଅରବିନ୍ଦଙ୍କ ସଂପର୍କରେ ବିଖ୍ୟାତ ଦେଶପ୍ରେମୀ ଦେଶବନ୍ଧୁ ଚିରଂଜନ ଦାସ ଭବିଷ୍ୟବାଣୀ କରି କହିଥିଲେ - "ଆଜିଠାରୁ ବହୁ ବର୍ଷ ପରେ, ଯେତେବେଳେ ଏହି ସବୁ ବିବଦମାନ କୋଳାହଳ କ୍ରମଶଃ ନୀରବ ହୋଇଯିବ, ଏହି ଝଡ଼ଝଞ୍ଜାର, ଏହି ଉତ୍ତେଜନାର ପରିସମାପ୍ତି ଘଟିବାର ବହୁ, ବହୁ କାଳ ପରେ, ତାଙ୍କ ମୃତ୍ୟୁର ବହୁ ବହୁ ବର୍ଷ ପରେ ସେ ପରିଗଣିତ ହେବେ ଜଣେ ଦେଶ ପ୍ରେମର କବି ରୂପେ, ଜାତୀୟତାବାଦର ଦେବଦୂତ ରୂପେ ଏବଂ ଜଣେ ମାନବବାଦୀ ମହାନ୍ ପ୍ରେମିକ ରୂପେ । ତାଙ୍କ ତିରୋଧାନର ବହୁ ବହୁ ବର୍ଷ ପରେ ତାଙ୍କର ବାଣୀ କେବଳ ଭାରତରେ ନୁହେଁ, ବହୁ ଦୂର ଦୂରାନ୍ତର ସମୁଦ୍ରପାରି ଦେଶମାନଙ୍କରେ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇ ଚାଲିଥିବ ।"

୧୮୯୩ ବର୍ଷ ଭାରତବର୍ଷର ଇତିହାସରେ ଏକ ସ୍ୱର୍ଣ୍ଣିମ ଓ ସ୍ମରଣୀୟ ବର୍ଷ । ଶ୍ରୀ ଅରବିନ୍ଦ ବିଦେଶରେ ପାଶ୍ଚାତ୍ୟ ଉଚ୍ଚ ଶିକ୍ଷା ସମାପ୍ତ କରି ଦେବୋଭୂମି ଭାରତବର୍ଷକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ଭାରତକୁ ମୁକ୍ତି ମନ୍ତ୍ର ପ୍ରଦାନ ଲାଗି, ଠିକ୍ ସେହି ବର୍ଷ ଭାରତର ଜଣେ ମହାନ୍ ସନ୍ଥ ଭାରତର ମହାନ୍ ସଂସ୍କୃତି, ଐତିହ୍ୟ, ସଂହତି, ସଂଗତିର ବାଣୀ ପୃଥିବୀବାସୀଙ୍କୁ ଶୁଣାଇବା ପାଇଁ ବିଦେଶ ଯାତ୍ରା କରୁଛନ୍ତି; ଆମେରିକାର ଚିକାଗୋ ସହରରେ ବକ୍ତୃତା ଦେବା ପାଇଁ । ବିଶ୍ୱବାସୀଙ୍କୁ ଭ୍ରାତୃଭାବ, ଦେଶ ଦେଶ ମଧ୍ୟରେ ଜାତୀୟ ସଂହତିର ଏକ ଶାଶ୍ୱତ ବାର୍ତ୍ତା ପ୍ରଦାନ କରିଥିବା ସେ ମହାନ ବ୍ୟକ୍ତି ହେଉଛନ୍ତି ବିଶିଷ୍ଟ ପରିବ୍ରାଜକ, ବିଶ୍ୱବିଜୟୀ ସ୍ୱାମୀ ବିବେକାନନ୍ଦ ।

ବଙ୍ଗଳାର ପ୍ରଖ୍ୟାତ ଲେଖକ ଔପନ୍ୟାସିକ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଉପନ୍ୟାସ 'ଆନନ୍ଦମଠ' ପାଠ କରି ଶ୍ରୀ ଅରବିନ୍ଦ ନିଜ ମାତୃଭୂମି ଭାରତବର୍ଷକୁ ଭଲ ପାଇ ବସିଲେ । 'ଆନନ୍ଦମଠ' ଉପନ୍ୟାସର 'ବନ୍ଦେମାତରଂ' ସଂଗୀତ ଯାହା ଭାରତର ଲକ୍ଷ ଲକ୍ଷ ଜନତାଙ୍କ ହୃଦୟକୁ ସ୍ପର୍ଶ କରୁଥିଲା, ସେଇ ଭାରତମାତାର ବନ୍ଦନା ସଂଗୀତ 'ବନ୍ଦେମାତରଂ' ପଠନ ଓ ଶ୍ରବଣ କରି ଶ୍ରୀ ଅରବିନ୍ଦ ମନ୍ତ୍ରମୁଗ୍ଧ ହୋଇଯାଉଥିଲେ । ଏ ସଂଗୀତ ଶ୍ରୀ ଅରବିନ୍ଦଙ୍କ ଭାବ ଓ ଚେତନା ରାଜ୍ୟରେ ନୂତନ ଶକ୍ତି ସଂଚାର କରିଥିଲା । ସେ ଅନୁଭବ କଲେ ଭାରତବର୍ଷ କେବଳ ଏକ ଭୂଖଣ୍ଡ ନୁହେଁ । ସେ କେବଳ ମୃଣ୍ମୟ ମୂର୍ତ୍ତି ମା' ନୁହନ୍ତି, ସେ ହେଉଛନ୍ତି ଦିବ୍ୟଶକ୍ତି ସ୍ୱରୂପିଣୀ, ଦିବ୍ୟଜନନୀ, ପ୍ରାଣମୟୀ, କରୁଣାମୟୀ । ତାଙ୍କ ରଚିତ 'ଭବାନୀ ମନ୍ଦିର' ପୁସ୍ତକରେ ସେ ଉଲ୍ଲେଖ କରିଛନ୍ତି - "ଏ ହେଉଛନ୍ତି ଶକ୍ତି ସ୍ୱରୂପିଣୀ ଭବାନୀ । ଏ ହିଁ ହେଉଛନ୍ତି ଦୁର୍ଗା, କାଳୀ, ରାଧା, ଲକ୍ଷ୍ମୀ, ଆମ୍ଭମାନଙ୍କର ଜଗନ୍ମାତା ।"

ଶ୍ରୀ ଅରବିନ୍ଦ ଦର୍ଶନର ପ୍ରବୀଣ ବ୍ୟାଖ୍ୟାକାର ତଥା ଅଧ୍ୟାତ୍ମବାଦୀ ଚିନ୍ତାଧାରାର ଜଣେ ବିଶିଷ୍ଟ ଲେଖକ ହେଉଛନ୍ତି ଶ୍ରୀ ମନୋଜ ଦାସ । ଓଡ଼ିଆ ସାହିତ୍ୟ ଜଗତରେ ମନୋଜ ଦାସ ଏକ ବିସ୍ମୟଦୀପ୍ତ ପ୍ରତିଭା । କେବଳ ଓଡ଼ିଆ ସାହିତ୍ୟରେ ନୁହେଁ ସମଗ୍ର ଭାରତୀୟ ସାହିତ୍ୟ ଜଗତରେ ମନୋଜ ଦାସ ଜଣେ



Scanned with OKEN Scanner

ଯଶସ୍ୱୀ ସ୍ରଷ୍ଟା ଓ ଅଜସ୍ର ସମ୍ମାନର ଅଧିକାରୀ । ସାଂପ୍ରତିକ କାଳର ଜଣେ ବିଶିଷ୍ଟ ଲେଖକ ଭାବରେ ସମଗ୍ର ଭାରତବର୍ଷରେ ସେ ଏତେ ଜନପ୍ରିୟ ଯେ କୌଣସି ସମ୍ମାନ ତାଙ୍କ ନିକଟରେ ଅତି ଗୌଣ ମନେହୁଏ । ଗଳ୍ପ, କବିତା, ପ୍ରବନ୍ଧ, ରମ୍ୟରଚନା, ଭ୍ରମଣ କାହାଣୀ ଓ ସ୍ମୃତିମାନ ରଚନା କରି ମନୋଜ ଦାସ ଏକ ନୂତନ ଦିଗନ୍ତ ସୃଷ୍ଟି କରିଛନ୍ତି ।

ମନୋଜ ଦାସ ହେଉଛନ୍ତି ନୂତନ ଯୁଗର କଥାକାର । ନୂତନ ଚେତନାର ଶିଳ୍ପୀ । ଦିବ୍ୟଜୀବନର ସ୍ରଷ୍ଟା । ସେଥିପାଇଁ ମଣିଷର ଚରିତ୍ରକୁ ଅତ୍ୟନ୍ତ ସୂକ୍ଷ୍ମଦୃଷ୍ଟି ଦେଇ ଦେଖିବା ତାଙ୍କ ଜୀବନର ଲକ୍ଷ୍ୟ । ମଣିଷ ଜୀବନର ଦୁଃଖ, ସଂକଟ, ଅସଂଗତି ଦେଖି, ମଣିଷ କାହିଁକି ଦୁଃଖ ଭୋଗ କରେ ଏହି ପ୍ରଶ୍ନ ଦିନେ ମନୋଜ ଦାସଙ୍କୁ ମାର୍କ୍ସବାଦ ପ୍ରତି ଆକୃଷ୍ଟ କରିଥିଲା । ସେହି ଜିଜ୍ଞାସା ହିଁ ତାଙ୍କୁ ପହଂଚାଇ ଦେଲା ଶ୍ରୀଅରବିନ୍ଦଙ୍କ ନିକଟରେ । ମଣିଷ ମଣିଷ ଭିତରେ ସଂଗତି, ଦେଶ ଦେଶ ମଧ୍ୟରେ ସଂହତି, ପ୍ରତ୍ୟେକ ମଣିଷର ଜାତୀୟତାବୋଧ ଭାବ ଉଦ୍ରେକ ତଥା ସର୍ବୋପରି ମଣିଷ ଚେତନାର ପରିବର୍ତ୍ତନ ବିନା ମାନବଜାତିର ସାଂପ୍ରତିକ ଜୀବନ ସମସ୍ୟା ସମାହିତ ହୋଇପାରିବ ନାହିଁ, ଏକଥା ସେ ମର୍ମେ ମର୍ମେ ଅନୁଭବ କରିଥିବାରୁ ମନୋଜ ଦାସଙ୍କ ଗଳ୍ପ ଉପନ୍ୟାସରେ ଜାତୀୟ ସଂହତିର ଚିତ୍ର ଓ ମାନବିକ ଚେତନାର ପରିବର୍ତ୍ତନର ଚିତ୍ର ପ୍ରକାଶିତ ହୋଇଛି ଅତ୍ୟନ୍ତ ବଳିଷ୍ଠ ଭାବରେ । 'ଭାଇ' ଗଳ୍ପଠାରୁ ଆରମ୍ଭ କରି 'ଓଟ' ଗଳ୍ପ ପର୍ଯ୍ୟନ୍ତ ବିଭିନ୍ନ ଗଳ୍ପରେ ଜାତୀୟ ସଂହତିର ଚିତ୍ର ଓ ମାନବୀୟ ଚେତନାର ଉତ୍ତରଣର ଚିତ୍ର ସେ ପ୍ରଦାନ କରିଛନ୍ତି ଯଥାର୍ଥ ଭାବରେ ।

ଶ୍ରୀଅରବିନ୍ଦ ଏହି ଭାରତବର୍ଷକୁ ସ୍ୱର୍ଗୀୟ ସୌନ୍ଦର୍ଯ୍ୟମଣ୍ଡିତ କରିବା ପାଇଁ ସ୍ୱପ୍ନ ଦେଖୁଥିଲେ ଓ ସାଧନାରତ ଥିଲେ । ଧୂଳି ଧୂସରିତ ମାତୃଭୂମିର ମଣିଷମାନଙ୍କ ପ୍ରତି ଗଭୀର ମମତା ନଥିଲେ ଭାରତବର୍ଷକୁ ସୁନ୍ଦରତମ କରିବାର ସ୍ୱପ୍ନରେ ସେ ଅଭିନିବିଷ୍ଟ ହୋଇନଥାନ୍ତେ । ତେଣୁ ମୂଳ କଥା ହେଲା ନିଜ ମାତୃଭୂମି ପ୍ରତି ଅଜସ୍ର ମମତା । ମନୋଜ ଦାସ ତାଙ୍କ ଗଳ୍ପରେ ମର୍ତ୍ତ୍ୟ ଜଗତ ପ୍ରତି ତଥା ମାତୃଭୂମି ପ୍ରତି ପ୍ରାଣର ଗଭୀରତମ ସ୍ନେହ ପ୍ରକଟ କରିଛନ୍ତି । 'ନାଗଲୋକ ପ୍ରତ୍ୟାଗତ' ଗଳ୍ପରେ ମାତୃଭୂମି ପ୍ରତି ମଣିଷର ଆକର୍ଷଣର ସାର୍ଥକ ଅଭିବ୍ୟକ୍ତି ଲାଭ କରିଛି ।

ମଣିଷର ସେବା ମନୋଭାବ ଓ ଦେଶାତ୍ମବୋଧ ଭାବନାକୁ ଉନ୍ମୋଚିତ କରିଦେବା ମନୋଜଙ୍କ ସ୍ରଷ୍ଟା ଜୀବନର ଅନ୍ୟତମ ଲକ୍ଷ୍ୟ । 'ଭାଇ' ଗଳ୍ପ ତା'ର ଏକ ପ୍ରକୃଷ୍ଟ ଉଦାହରଣ । ପାଗଳ ଭାବରେ ପରିଚିତ ଭୁବନବାବୁ ପାଠକର ସମ୍ମୁଖକୁ ଆସିବା ପରେ ତାଙ୍କ ବ୍ୟକ୍ତିତ୍ୱର ମହତ୍ତ୍ୱ ଫୁଟି ଉଠିଛି ଯଥାର୍ଥ ଭାବରେ । "କିଶୋର କାଳରେ ଯାହାଙ୍କର ଅବିନ୍ୟସ୍ତ କେଶପାଶ ସ୍ୱତଃ ଏକ ଧାରଣା ଦେଉଥିଲା ଯେ ସେ ସମୁଦାୟ ମାତୃଭୂମିର ଅଦୃଶ୍ୟ ଦାୟିତ୍ୱ ମୁଣ୍ଡାଇ ଧରିଛନ୍ତି । ବିଭିନ୍ନ ସଂଗଠନରେ ଯେଉଁ ସବୁ ଦାୟିତ୍ୱ ସମସ୍ତଙ୍କୁ ବଳେଇ ପଡୁଥିଲା ସେ ସବୁ ଅକାତରେ ଗ୍ରହଣ କରିବା ଥିଲା ଭୁବନବାବୁଙ୍କ ରୀତି ।" ସେ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ । ସମଗ୍ର ଦେଶରେ ରାଜନୀତିରୁ ସଂଭ୍ରମତା ଦୂରେଇ ଯିବା ଫଳରେ ଏବଂ ରାଜନୀତି କଳେବଳେ କୌଶଳେ କ୍ଷମତାଲାଭର ମାଧ୍ୟମ ହୋଇଯିବା ଦ୍ୱାରା ଭୁବନବାବୁଙ୍କ ପରି ଭଦ୍ରବ୍ୟକ୍ତିମାନେ ଉପେକ୍ଷିତ ହୋଇ ରହିଛନ୍ତି । ପ୍ରକୃତ ଅର୍ଥରେ ସେ ଥିଲେ ଦେଶପ୍ରେମୀ । କିନ୍ତୁ ତାଙ୍କ ଦେଶପ୍ରେମକୁ, ତାଙ୍କ ହୃଦୟର ସ୍ୱଚ୍ଛତା ଓ ବିଶାଳତାକୁ ଅନ୍ୟମାନେ କେବଳ ନୁହନ୍ତି, ନିଜ ଘର ଲୋକେ ମଧ୍ୟ ବୁଝି ପାରିନାହାନ୍ତି । ନିଜର ଏକମାତ୍ର ପୁଅ ପାଖରେ ସେ ପାଗଳ ବିବେଚିତ ହୋଇଛନ୍ତି । ତାଙ୍କ ଭାଇ କ୍ଷୀରୋଦ ବାବୁ ଲଣ୍ଡନରୁ ଡାକ୍ତରୀ ପାଠ ପଢ଼ି ଫେରିବା ପରେ ବମ୍ବେକୁ ଆସିଛନ୍ତି । ପରେ ପରେ ନିଜ ଗାଁକୁ ଆସିଛନ୍ତି । କ୍ଷୀରୋଦବାବୁଙ୍କ ସହିତ ଭୁବନବାବୁଙ୍କ ଦେଖା ହୋଇଯିବା ପରେ ପାଠକ ଆଗରେ ଖୋଲିଯାଏ ଏକ ମହନୀୟ ଦୃଶ୍ୟ । କ୍ଷୀରୋଦ ବାବୁ ଛଅ ବର୍ଷ ହେଲା ବିଲାତରେ ରହି ମାଛ ଖାଇନଥିବ ଭାବି ତିନିଗାଁ ଖୋଜିବା ପରେ ଯାହା କିଛି ମାଛ ତାକୁ ସଂଗ୍ରହ କରି ଆଣିଛନ୍ତି । ଏଭଳି କଷ୍ଟ କରି କାହିଁକି ହଇରାଣ ହେଉଛନ୍ତି ବୋଲି କ୍ଷୀରୋଦ ବାବୁ ଭୁବନବାବୁଙ୍କୁ କହିବାରୁ ଭୁବନ ବାବୁ ଯେଉଁ ଉତ୍ତର ଦେଇଛନ୍ତି ତାହା ତାଙ୍କ

ଚରିତ୍ରର ପ୍ରକୃତ ପରିଚୟ । ସେ କହିଛନ୍ତି - "କଷ୍ଟ ଆଜିକାଲି ଆଉ କେହି କରୁନାହାନ୍ତି । ମୁଁ ସେଥିପାଇଁ ତୋ ବାଟ ଚାହିଁ ବସି ରହିଛି । ତୁ ଆସିଲେ ଆମେ ସାଙ୍ଗ ହୋଇ କଷ୍ଟ କରିବା । ଗରିବ ଲୋକେ, ଅସହାୟ ଲୋକେ ବଡ଼ କଷ୍ଟ ଭୋଗୁଛନ୍ତି । ତୁ ଗାଁ ଗହଳିକୁ ମୋ ସାଥିରେ ଯିବୁ, ସେମାନଙ୍କ ସେବା କରିବୁ, ଔଷଧ ଦେବୁ । ଅବଶ୍ୟ ଟଙ୍କା ବି ଆୟ କରିବୁ । ମୁଁ ବାଣ୍ଟିବି । ଟଙ୍କାକୁ ସେବାରେ ଲଗାଇବାରେ ଯେଉଁ ଆନନ୍ଦ, ସଂଚିବାରେ କାହିଁ । ଲୋକଗୁଡ଼ା ବୁଝନ୍ତି ନାହିଁ ।" ଭାଇଙ୍କ ବ୍ୟକ୍ତିତ୍ୱର ମହନୀୟତା ଅନୁଭବ କରିପାରି କ୍ଷୀରୋଦ ବାବୁ କହିଛନ୍ତି - ଭାଇ, ତୁମେ ମୋ' ସହ ବମ୍ବେ ଯିବ । ମୁଁ ଟଙ୍କା ଆୟ କରିବି - ତମେ ବାଣ୍ଟିବ । ମୋର ଆଉ ଟଙ୍କା ସଂଚିବାର ନାହିଁ । ଆଉ ସେଇଟା ମିଶନାରୀ ଅନୁଷ୍ଠାନ । ସପ୍ତାହରେ ଦୁଇଦିନ ଛୁଟି । ଯିବା ସହରତଳିକୁ । ଗାଁ ଗହଳିକୁ । ଲୋକଙ୍କ ସେବା କରିବା । ଔଷଧ ବାଣ୍ଟିବା । ଭୁବନବାବୁଙ୍କ ସେବା ପରାୟଣତା, ସରଳତା, ନିଷ୍କପଟତା ଅତ୍ୟନ୍ତ ଦୁର୍ଲ୍ଲଭ । ଦେଶବାସୀଙ୍କ ପ୍ରତି ଗଭୀର ଭଲ ପାଇବାକୁ ଦୁଇ ଭାଇଙ୍କ ଚରିତ୍ର ମାଧ୍ୟମରେ ରୂପାୟନ କରିଛନ୍ତି ମନୋଜ ଅତ୍ୟନ୍ତ ଆକର୍ଷଣୀୟ ଭାବରେ ।

ଶ୍ରୀ ଅରବିନ୍ଦ ପାର୍ଥିବ ପୃଥିବୀରେ ଅପାର୍ଥିବ ପ୍ରେମ ଓ ଅହିଂସାର ପ୍ରତିଷ୍ଠା କରିବା ପାଇଁ ସାଧନାମଗ୍ନ ଥିଲେ । କିନ୍ତୁ ପ୍ରେମ ବା ଅହିଂସାର ଛଳନା କରି କେହି ଏହାର ଯଥାର୍ଥ ଆରାଧନା କରିବା ସମ୍ଭବ ନୁହେଁ । ଯେଉଁମାନେ ବାସ୍ତବ ଜୀବନରେ ଛଳନାମୟ ଆଚରଣ କରନ୍ତି, ସେମାନେ ପ୍ରେମକୁ ବଳିଷ୍ଠ କରିବାରେ ସାମାନ୍ୟ ବି ସହଯୋଗ କରିପାରନ୍ତି ନାହିଁ । ମନୋଜ ଦାସଙ୍କ 'ଓଟ' ଗଳ୍ପରେ ସେହି ପ୍ରକାର ଛଳନା ଓ କପଟତାର ଭୟାବହ ରୂପ ସନ୍ଦର୍ଶନ କରି ଶିବକୁମାର ବିବ୍ରତ ହୋଇପଡ଼ିଛନ୍ତି । ଶିବକୁମାର ଥିଲେ ସଚ୍ଚୋଟ ଦେଶପ୍ରେମୀ । ଖୋଜୁଥିଲେ ମଧ୍ୟ ପ୍ରକୃତ ଦେଶପ୍ରେମୀକୁ । କିନ୍ତୁ ତାଙ୍କ ଦୃଷ୍ଟିରେ ସେଭଳି ଉଚ୍ଚକୋଟୀର ଦେଶ ପ୍ରେମିକ କେହି ପଡ଼ୁ ନ ଥିଲେ । ଗୋଟାଏ ବିରାଟ ଜନସଭାରେ ସେ କହିଥିଲେ - "ଅହିଂସାର ଦୁହାଇଦେଇ, ଦେଶାତ୍ମବୋଧର ଦୁହାଇଦେଇ ଦେଶବ୍ୟାପୀ ଯେଉଁ ଭୀରୁତା, ଛଳନା ହିଂସାର ପୃଷ୍ଠପୋଷକତା କରାଗଲା, ତାହାର ପରିଣାମ ହେଲା ଭାରତ ବିଭାଜନ ତଥା ସାଂପ୍ରଦାୟିକ ରକ୍ତପାତ । ଅହିଂସା ଓ ଦେଶପ୍ରେମ ଭାବନା ପାଇଁ ଯେଉଁ ଆଧ୍ୟାତ୍ମିକ ସାଧନା ଲୋଡ଼ା, ତା'ର କାଣିଚାଏ ନଥାଇ ତମେ ଅହିଂସା ଓ ଦେଶପ୍ରେମର ଢୋଲ ବାଡ଼େଇ ଲାଗିଲ । ତମର ଆତ୍ମଘାତୀ ପ୍ରତାରଣା, ଛଳନା ଓ ଅଭିନୟ ଦେଖି ଅହିଂସା ଓ ଦେଶପ୍ରେମର ଯେଉଁ ସଇତାନ୍ ଅଟ୍ଟହାସ୍ୟ କରୁଥିଲା; ନିଜ ଢୋଲର ଆବାଜ୍‌ରେ ତମେ ସେ ଶବ୍ଦଗୁଡ଼ିକ ଶୁଣିପାରିଲ ନାହିଁ କିମ୍ବା ଶୁଣି ସୁଦ୍ଧା ଶୁଣିବାକୁ ଚାହୁଁ ନ ଥିଲ ।" ଅହିଂସା ଆଚରଣ କରିବା, ଦେଶାତ୍ମବୋଧ ଭାବନାରେ ଉଦ୍‌ବୁଦ୍ଧ ହେବା ପାଇଁ ଯେଉଁ ସାଧନା ଆବଶ୍ୟକ, ତାହା ନ କରି ଜଣେ ଯଦି ଅହିଂସାର ଛଳନା କରେ, ଦେଶପ୍ରେମୀ ବୋଲି ଆପଣାକୁ ଦେଖେଇ ହୁଏ, ତା ହେଲେ ହିଂସା କେବେହେଲେ ଅହିଂସାରେ ରୂପାନ୍ତରିତ ହୋଇପାରିବ ନାହିଁ । ଏବଂ ପ୍ରତାରଣା କରି ବାହାରକୁ ଦେଶପ୍ରେମୀ ବୋଲି ଦେଖେଇ ହେଲେ ଜଣେ ଦେଶପ୍ରେମୀ ହୋଇନପାରେ । ଶିବକୁମାର ଥିଲେ ଦେଶପ୍ରେମୀ, ବିପ୍ଳବୀ । ସେ ଅହିଂସା ନାମରେ ଛଳନାକୁ ଦେଶପ୍ରେମ ନାମରେ ପ୍ରତାରଣାକୁ ଗ୍ରହଣ କରିପାରୁନଥିଲେ । ପ୍ରକୃତ ଦେଶପ୍ରେମକୁ ଉଜ୍ଜୀବିତ କରିବା ପାଇଁ ଏଭଳି ଗଳ୍ପ ପ୍ରେରଣା ପ୍ରଦାନ କରେ ।

ଧର୍ମକୁ କୌଣସି ସ୍ଥୂଳ ଦୃଷ୍ଟିରେ ନ ଦେଖି ଏକ ସୂକ୍ଷ୍ମ ଦୃଷ୍ଟିରେ ଦେଖିଲେ ମଣିଷର ଈଶ୍ୱର ଉପଲବ୍ଧି ହୋଇଥାଏ । ଈଶ୍ୱର ଉପଲବ୍ଧି ହେଲେ ମଣିଷ ଭିତରୁ ଈର୍ଷା, ଅସୂୟା, ସଂକୀର୍ଣ୍ଣତା ଦୂରୀଭୂତ ହୁଏ ଏବଂ ତା'ର ଚେତନା ଊର୍ଦ୍ଧ୍ୱଗାମୀ ହୁଏ । ଧର୍ମୀୟ ଭାବନା ଦୃଷ୍ଟିରୁ ଏ ଉପଲବ୍ଧି ଜାତୀୟ ସଂହତି ପ୍ରତିଷ୍ଠାରେ ସହାୟକ । ସେ ଯେ କୌଣସି ଧର୍ମର ଭଗବାନ ହୁଅନ୍ତୁ ନା କାହିଁକି ମିଥ୍ୟାଚାର, ଶଠତା, ନିଷ୍ଠୁରତାକୁ ସେ ଗ୍ରହଣ କରିପାରନ୍ତି ନାହିଁ ଓ ମନ୍ଦିର ଛାଡ଼ି ଦେଇ ଚାଲିଯାଆନ୍ତି । 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଏହାର ପ୍ରତୀକାତ୍ମକ ଅଭିବ୍ୟକ୍ତି ପରିସ୍ଫୁଟିତ ।

ମନୋଜ ଦାସଙ୍କ ଗଳ୍ପରେ ସାଧାରଣତଃ ସ୍ଥୂଳ ଭାବରେ ଜାତୀୟ ସଂହତିର ଚିତ୍ର ଥିବା ପରି ହୁଏତ ମନେ ହୋଇନପାରେ । ତାଙ୍କ ଗଳ୍ପରେ ଜାତୀୟ ସଂହତିର ଅନ୍ତର୍ସନ୍ଧାନ

ଅତି ସୂକ୍ଷ୍ମ ଭାବରେ ରୂପାୟିତ ହୋଇଛି । ମଣିଷ ଈର୍ଷା, ଗର୍ବ, ଅହଂକାର, ସଂକୀର୍ଣ୍ଣ ଜାତିଗତ ଧର୍ମଗତ ସମସ୍ତ ଭାବନାରୁ ଉତ୍ତୀର୍ଣ୍ଣ ହୋଇ ଚେତନାର ପରିବର୍ତ୍ତନ ହେଲେ ସେ ଦେଶର ସୁସନ୍ତାନ ହେବାର ଗୌରବ ଅର୍ଜନ କରିପାରିବ । କୌଣସି ସ୍ଥୂଳ ବିଜ୍ଞାପନ ବା ପ୍ରଚାର ଦ୍ୱାରା ଜାତୀୟ ସଂହତି ପ୍ରତିଷ୍ଠା ସମ୍ଭବ ନୁହେଁ । ଚେତନାର ପରିବର୍ତ୍ତନରେ ଦେଶର ପରିବର୍ତ୍ତନ । ସେଥିପାଇଁ ମନୋଜ ଦାସ ମାନବୀୟ ଚେତନାର ପରିବର୍ତ୍ତନ ବିଷୟକୁ ଆଧାର କରି ଗଳ୍ପ ରଚନା କରିଛନ୍ତି ଯାହା ଜାତୀୟ ସଂହତି ରକ୍ଷା କରିବାରେ ପ୍ରେରଣାପ୍ରଦ । ଶ୍ରୀ ଅରବିନ୍ଦଙ୍କ ଦେଶାତ୍ମବୋଧ ଓ ବିଶ୍ୱପ୍ରୀତିର ବିଚ୍ଛୁରଣ ମନୋଜ ଦାସଙ୍କ ଗଳ୍ପରେ ଏକାନ୍ତ ଲକ୍ଷଣୀୟ ।

ମନୋଜ ଦାସ ଓଡ଼ିଆ ଗଳ୍ପ ରଚନା କରିବା ସହିତ ଇଂରାଜୀ ଗଳ୍ପ ଲେଖିବାରେ ମଧ୍ୟ ସିଦ୍ଧହସ୍ତ । ଇଂରାଜୀରେ ଗଳ୍ପ ଲେଖିବା ସଂପର୍କରେ ଏକ ସାକ୍ଷାତ୍‌କାରରେ ସେ କହିଥିଲେ ଇଂରାଜୀରେ ଯେଉଁ ସବୁ ଗଳ୍ପ ଲେଖାଯାଉଛି ସେ ସବୁରେ ଭାରତୀୟ ଜୀବନର ଚିତ୍ରର ଅଭାବ ତାଙ୍କୁ ବ୍ୟଥିତ କରିଥିଲା । ସେ ଦୃଷ୍ଟିରୁ ଇଂରାଜୀଗଳ୍ପ ରଚନା କରିବା ପାଇଁ ସେ ସଂକଳ୍ପବଦ୍ଧ ହୋଇଥିଲେ । ତେଣୁ ମନୋଜ ଦାସଙ୍କ ଗଳ୍ପରେ ଭାରତୀୟତାର ଉଜ୍ଜ୍ୱଳ ପ୍ରତିଫଳନ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଜାତୀୟ ସଂହତି ରକ୍ଷା କରିବାରେ ଓ ମାନବିକତାର ପରିସ୍ଫୁଟନରେ ତାଙ୍କ ଗଳ୍ପ ପାଠକମାନଙ୍କ ପାଇଁ ନିଶ୍ଚୟ ଏକ ବଳିଷ୍ଠ ପ୍ରେରଣା ।

## ସହାୟକ ଗ୍ରନ୍ଥସୂଚୀ


୧. ସୃଜନୀ, ପ୍ରଥମ ଅର୍ଘ୍ୟ, ୨୦୦୧, ମନୋଜ ଦାସ ବିଶେଷାଙ୍କ, ସୃଜନୀ ସାହିତ୍ୟ ସଂସଦ, କୋଲକତା, ୨୦୧୨ ।

୨. ପ୍ରଧାନ, କୃଷ୍ଣଚନ୍ଦ୍ର, ମନୋଜ କଳା କଳ୍ପନା, ବିଦ୍ୟାପୁରୀ, ବାଲୁବଜାର, କଟକ-୨, ୨୦୧୦ ।

୩. ଦାସ, ମନୋଜ, ଲକ୍ଷ୍ମୀର ଅଭିସାର, ଗ୍ରନ୍ଥ ମନ୍ଦିର, ବିନୋଦବିହାରୀ, କଟକ-୨ ।

୪. ଦାସ, ମନୋଜ, ଶ୍ରୀ ଅରବିନ୍ଦ (ଓଡ଼ିଆ ଅନୁବାଦ - ମହାପାତ୍ର ନୀଳମଣି ସାହୁ), ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ, ୧୯୮୮ ।

୫. ଦାସ, ମନୋଜ, ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ତୃତୀୟ ମୁଦ୍ରଣ, ଗ୍ରନ୍ଥ ମନ୍ଦିର, କଟକ-୨, ୧୯୮୩ ।

୬. ଦାସ, ମନୋଜ, ମନୋଜ ପଂଚବିଂଶତି, ପ୍ରଥମ ସଂସ୍କରଣ, ଗ୍ରନ୍ଥ ମନ୍ଦିର, କଟକ-୨, ୧୯୮୬ ।



ଆସିଷ୍ଟାଣ୍ଟ ପ୍ରଫେସର

ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର




Scanned with OKEN Scanner